**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୦୧.୦୪.୨୦୧୩**

**ପ୍ରେସ ବିଜ୍ଞପ୍ତି**

ବି.ଜେ.ପି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହ ଆଜି ନିଜର ଦୁଇ ଦିନିଆ ପରିଭ୍ରମଣରେ ଆଉରଙ୍ଗାବାଦ ଯାଇ ସେଠାକାର, ମୁଖ୍ୟତଃ ମଧ୍ୟ ମହାରାଷ୍ଟ୍ରର ମରୁଡ଼ି ପ୍ରପିଡ଼ୀତ ଅଞ୍ଚଳକୁ ପରିଦର୍ଶନ କରିଥିଲେ । ସେ ନିଜର ଯାତ୍ରା ଆଉରଙ୍ଗାବାଦ ଜିଲ୍ଲାରୁ ଆରମ୍ଭ କରି ସେଠାକାର କିଛି ଚାଷୀ ଓ ଅନ୍ୟାନ ସ୍ଥାନୀୟ ବ୍ୟକ୍ତି ମାନଙ୍କ ସହ ସାକ୍ଷାତ କରିଥିଲେ ।

ଚାର ଚାଭନୀ ଓ ପିମ୍ପ୍ରିର ଚାଷୀ ମାନଙ୍କୁ ସମ୍ବୋଧନ କରି ସେ କହିଥିଲେ କି, ମରୁଡ଼ି ପ୍ରପିଡ଼ୀତ ଅଞ୍ଚଳର ଚାଷୀମାନେ ଆଜି କୃଷି ସଙ୍କଟ ଦେଇ ଅତିକ୍ରମ କରୁଛନ୍ତି । ଦେଶର ୧୧,୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମ ମରୁଡ଼ିରେ ପ୍ରଭାବିତ ହୋଇଥିବା ବେଳେ ମହାରାଷ୍ଟ୍ରର ମୋଟ ୩୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମର ୫୦% ଶସ୍ୟର କ୍ଷତି ହୋଇଅଛି । ତେଣୁ ସେଠାକାର ଚାଷୀ ମାନଙ୍କୁ ଋଣ ଯୋଗାଣ କରିବା ସହ ସେମାନଙ୍କୁ ବିହନ, ସାର, ଜଳ ସେଚନ ନେଇ ଆଗାମୀ ଦୁଇ ବର୍ଷ ପାଇଁ ସବସିଡ଼ି ଯୋଗାଇବା ପାଇଁ ଦାବି କରିଛନ୍ତି ଓ ଚାଷୀ ମାନଙ୍କୁ ବିନା ସୁଧରେ ଋଣ ଯୋଗାଇବା ସହ ଗୋଖାଦ୍ୟ ଓ ନଡ଼ା ମଧ୍ୟ ଯୋଗାଇବାକୁ ଦାବି କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି କି, ରାଜ୍ୟ ସରକାର ମରୁଡ଼ି ଅନୁଦାନ ୧୮୦୦ କୋଟି ଦାବି କରିଥିବା ବେଳେ କେନ୍ଦ୍ର ସରକାର ମାତ୍ର ୧୨୦୦ କୋଟି ଯୋଗାଇବା ପାଇଁ ଘୋଷଣା କରିଛନ୍ତି । ଉକ୍ତ ଅନୁଦାନ ପରିମାଣକୁ ବୃଦ୍ଧି କରାଇବା ସହ ଏକ ସ୍ୱତନ୍ତ୍ର ନିରୀକ୍ଷଣ ଟିମ ଗଠନ କରି ଉକ୍ତ ଅଞ୍ଚଳ କୁ ପରିଦର୍ଶନ କରି ଅନୁଦାନ ପରିମାଣ ସ୍ଥିର କରିବା ଆବଶ୍ୟକ । ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି କି, ଜଳ ସେଚନ ନେଇ ୭୦,୦୦୦ କୋଟି ରୁ ଉର୍ଦ୍ଧ୍ୱର ଘୋଟାଲା ହୋଇଥିବା ବେଳେ ଗତ ଦଶନ୍ଧି ମଧ୍ୟରେ ରାଜ୍ୟର ମୋଟ ୦.୧% ଜଳ ସେଚିତ ଅଞ୍ଚଳ ଚାଷ ଜମିରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ମରୁଡ଼ି ଅଞ୍ଚଳର ଜଳ ସ୍ତର ହ୍ରାସ ପାଇବା ନେଇ ସେ କହିଛନ୍ତି କି, ଯଦିଓ ମହାରାଷ୍ଟ୍ର ରାଜ୍ୟ ୱାଟର ରିସୋର୍ସ ରେଗୁଲେଟୋରୀ ଆକ୍ଟ ଲାଗୁ କରିଅଛି, ମାତ୍ର ତାହା ଦ୍ୱାରା ଚାଷୀ ମାନଙ୍କୁ ଗ୍ରାମାଞ୍ଚଳର ଦରିଦ୍ର ଜନତା ଓ ସାଧାରଣ ମଣିଷର ଦୁଃଖ ଦୁର୍ଦ୍ଦଶାକୁ ଦୂର କରିବା ପାଇଁ ସମର୍ଥ ହୋଇ ପାରିନାହିଁ । ତେଣୁ ଉକ୍ତ ଆକ୍ଟରେ କିଛିଟା ସଂଶୋଧନ ଆଣି ଜଳର ଅପବ୍ୟବହାର ଓ ଜଳ ବିଚ୍ୟୁତିକୁ ରୋକିବା ଆବଶ୍ୟକ ।

ଏହି ମରୁଡ଼ି ଯୋଗୁଁ ଗ୍ରାମାଞ୍ଚଳର ଚାଷୀମାନେ ବେକାର ହେବା ସହ ସେମାନଙ୍କୁ ଗ୍ରାମ ପରିତ୍ୟାଗ କରି ସହରାଞ୍ଚଳରେ ବାସ କରିବାକୁ ବାଧ୍ୟ କରୁଅଛି । ତେଣୁ ସରକାର ମନରେଗା କୁ ଅଧିକ ବିସ୍ତାର କରି ସେଥିରେ ଚାଷୀ ମାନଙ୍କ ପାଇଁ ନୂତନ ଯୋଜନା ମାନ

ସାମିଲ କରିବା ଆବଶ୍ୟକ ।

ଶ୍ରୀ ସିଂହ ସେଠାକାର ଚାଷୀ ମାନଙ୍କୁ ଆଶ୍ୱାସନା ଦେଇଛନ୍ତି କି ସେ ନିଶ୍ଚିତ ଭାବରେ ମହାରାଷ୍ଟ୍ରର ଉକ୍ତ ମରୁଡ଼ି ସମସ୍ୟା ଉପରେ ପାର୍ଲିଆମେଣ୍ଟର ଦୁଇଟି ସଦନରେ ଆଲୋଚନା କରିବେ ।

**ଓ.ପି କୋହଲି**

**ମୁଖ୍ୟାଳୟ ପ୍ରମୂଖ**